# NATIONAL NEWS BULLETIN (ODIA)

**21 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଆଜିଠାରୁ ଆରମ୍ଭ ହେଲା ସଂସଦର ମୌସୁମୀ ଅଧିବେଶନ

– ଉଭୟ ଗୃହରେ ଦିବଂଗତ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ

– ହଟ୍ଟଗୋଳ ଯୋଗୁଁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଲୋକସଭା ମୁଲତବୀ

- ମୌସୁମୀ ଅଧିବେଶନ ଆରମ୍ଭ ପୂର୍ବରୁ ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନଙ୍କୁ ଗୃହକାର୍ଯ୍ୟରେ ସହଯୋଗ କରିବା ପାଇଁ ଅନୁରୋଧ କଲେ ପ୍ରଧାନମନ୍ତ୍ରୀ ।

- ଅହମ୍ମଦାବାଦ ବିମାନ ଦୁର୍ଘଟଣାର ତଦନ୍ତ ସ୍ୱଚ୍ଛ ପ୍ରକ୍ରିୟାରେ କରାଯାଉଥିବା କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କ ସୂଚନା ।

ଏବଂ

- ଟିଆର୍‌ଏଫ୍‌କୁ ଆତଙ୍କବାଦୀ ସଂଗଠନ ଭାବେ କରାଯାଇଥିବା ଘୋଷଣାକୁ ଆମେରିକାର ଦୃଢ଼ ସମର୍ଥନ ।

## ଲୋକସଭା-ଆଡ୍‌ଜର୍ଣ୍ଣ

ଆଜି ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହୋଇଛି । ପ୍ରଥମ ଦିନରେ ଲୋକସଭାକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

ଅପରେସନ ସିନ୍ଦୂର ଏବଂ ଅନ୍ୟ କେତେକ ଘଟଣା ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହୋହଲ୍ଲା କରାଯିବା ଫଳରେ ବାଚସ୍ପତି ପ୍ରଥମେ ଦିନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ । ପ୍ରଥମ ମୁଲତବୀ ପରେ କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକ ଗୃହର ମଧ୍ୟଭାଗକୁ ଆସି ସ୍ଲୋଗାନ ଦେଇଥିଲେ । ଗୃହରେ ଅଧକ୍ଷତା କରୁଥିବା ଅଧିକାରୀ ବିରୋଧୀ ଦଳ ସଦସ୍ୟମାନଙ୍କୁ ସେମାନଙ୍କ ଆସନକୁ ଫେରିଯିବା ଲାଗି କହିଥିଲେ ମଧ୍ୟ ସେମାନେ ସ୍ଲୋଗାନ ଦେବା ଜାରି ରଖିଥିଲେ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ଆଲୋଚନାର ବିଭିନ୍ନ ପ୍ରସଙ୍ଗ ନେଇ ଆଜି ଅପରାହ୍ନ ୨ଟା ୩୦ ମିନିଟ୍‌ରେ କାର୍ଯ୍ୟ ପରାମର୍ଶଦାତା କମିଟିର ବୈଠକ ବସିବ । ସେ କହିଛନ୍ତି, ସରକାର ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବା ଲାଗି ପ୍ରସ୍ତୁତ ଅଛନ୍ତି । କିନ୍ତୁ ବିରୋଧୀ ସାଂସଦମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବା ଶୋଭନୀୟ ନୁହେଁ ।

**V/O(Rijiju)**

ପ୍ରତିରକ୍ଷାମନ୍ତ୍ରୀ ତଥା ଲୋକସଭାର ଉପନେତା ରାଜନାଥ ସିଂହ କହିଛନ୍ତି, ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଯେକୌଣସି ପ୍ରସଙ୍ଗ ଉତ୍‌ଥାପନ କରାଯିବ, ତାହା ଉପରେ ଆଲୋଚନା ଲାଗି ସରକାର ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ତେବେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହଟ୍ଟଗୋଳ ଜାରି ରହିବା ଫଳରେ ଲୋକସଭାକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି ।

ଆଜି ପୂର୍ବାହ୍ନ ୧୧ଟା ବେଳେ ଲୋକସଭାର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ୮ ଜଣ ପୂର୍ବତନ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ଏୟାରଇଣ୍ଡିଆ ବିମାନ ଦୁର୍ଘଟଣାର ମୃତକଙ୍କ ପ୍ରତି ମଧ୍ୟ ଗୃହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲା । ବିଭିନ୍ନ ରାଜ୍ୟରେ ପ୍ରାକୃତିକ ଦୁର୍ବିପାକ ଯୋଗୁଁ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ଗୃହରେ ଦୁଃଖ ପ୍ରକାଶ କରାଯାଇଥିଲା ।

ଅନ୍ୟପକ୍ଷରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା' ଇସ୍ରୋ ଏବଂ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାତ୍ରା ନେଇ ଶୁଭେଚ୍ଛା ଜଣାଇଥିଲେ । ଗୃହରେ ଏ ସଂପର୍କରେ ବିସ୍ତୃତ ଆଲୋଚନା କରାଯିବ ବୋଲି ଶ୍ରୀ ବିର୍ଲା କହିଛନ୍ତି ।

**V/O (Birla)**

---

## ବିର୍ଲା -ସେସନ୍

ସଂସଦର ଚଳିତ ମୌସୁମୀ ଅଧିବେଶନ ପୂର୍ବରୁ ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ଲୋକମାନଙ୍କର ଆକାଂକ୍ଷା ପୂରଣ କରିବା ଓ ଜାତୀୟ ସ୍ୱାର୍ଥ ରକ୍ଷା କରିବା ଦିଗରେ ସଦସ୍ୟମାନଙ୍କର ସାମୂହିକ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାମାଜିକ ଗଣମାଧ୍ୟମରେ ଶ୍ରୀ ବିର୍ଲା ସମସ୍ତ ରାଜନୈତିକ ଦଳର ନେତାମାନଙ୍କ ଠାରୁ ଚଳିତ ଅଧିବେଶନକୁ ସୁରୁଖୁରୁରେ ସଂଚାଳିତ କରିବା ପାଇଁ ସହଯୋଗ କାମନା କରିଛନ୍ତି । ଦେଶର ଆର୍ଥିକ ପ୍ରଗତି, ସାମାଜିକ ନ୍ୟାୟ ଓ ସମାବେଶୀ ବିକାଶ ପାଇଁ ନିର୍ଣ୍ଣାୟକ ପଦକ୍ଷେପ ନେବା ସକାଶେ ଚଳିତ ଅଧିବେଶନ କାଳରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଆଧାର କରି ସଦସ୍ୟମାନେ ଆଲୋଚନା କରିବେ ବୋଲି ସେ ଆଶା କରିଛନ୍ତି ।

---

# ଆର୍‌ଏସ୍‌-ଓଥ୍ ଆଣ୍ଡ୍ ଟ୍ରିବ୍ୟୁଟ୍

ସଂସଦର ମୌସୁମୀ ଅଧିବେଶନର ଆଜି ପ୍ରଥମ ଦିବସରେ  ରାଜ୍ୟସଭା ଅଧକ୍ଷ ଜଗଦୀପ ଧନଖଡ଼ ୨ ଜଣ ନବନିର୍ବାଚିତ ଓ ୩ ଜଣ ମନୋନୀତ ସଦସ୍ୟଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ଆସାମ ଗଣପରିଷଦର ବିରେନ୍ଦ୍ର ପ୍ରସାଦ ବୈଶ୍ୟ ଏବଂ ଆସାମ ବିଜେପିର କନ୍ନଡ ପୁରୁକାୟସ୍ଥ ରାଜ୍ୟସଭାର ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି । ଅନ୍ୟପକ୍ଷରେ ଡକ୍ଟର ମିନାକ୍ଷୀ ଜୈନ, ସି. ସଦାନନ୍ଦନ ମାଷ୍ଟର ଏବଂ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ମନୋନୀତ ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି । ଅଧିବେଶନର ପ୍ରଥମାର୍ଦ୍ଧରେ ରାଜ୍ୟସଭାର ୭ଜଣ ଦିବଂଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।

---

# ପିଏମ୍‌-ସେସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦର ଚଳିତ ମୌସୁମୀ ଅଧିବେଶନ  ସଦସ୍ୟମାନଙ୍କର ମୂଲ୍ୟବାନ ଆଲୋଚନା ଦ୍ୱାରା ଫଳପ୍ରଦ ହେବା ସହ ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି । ମୌସୁମୀ ଅଧିବେଶନ ଆରମ୍ଭ ପୂର୍ବରୁ ଗଣମାଧ୍ୟମକୁ ଶ୍ରୀ ମୋଦୀ କହିଛନ୍ତି, ଏହି ଅଧିବେଶନ କାଳ ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ  ଏବଂ ଏହା ଦେଶର ସାମଗ୍ରିକ ସଫଳତାର  ଉତ୍ସବ ପାଳନ କରିବାର ସମୟ । ମୌସୁମୀ ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନଙ୍କୁ ଗୃହକାର୍ଯ୍ୟରେ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି ।

**V/O**

ପ୍ରଧାନମନ୍ତ୍ରୀ କହିଛନ୍ତି, ସାରା ବିଶ୍ୱ ଭାରତର ପ୍ରତିରକ୍ଷା ଶକ୍ତିକୁ ଦେଖିଛି । ଅପରେସନ ସିନ୍ଦୂର ସମୟରେ ସନ୍ତ୍ରାସବାଦୀଙ୍କ ଆଡ୍ଡାସ୍ଥଳକୁ ଧ୍ୱଂସ କରି ଭାରତୀୟ ସେନାବାହିନୀ ଶତପ୍ରତିଶତ ସଫଳତା ହାସଲ କରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଅଭିଯାନ ପାଇଁ ସେନାବାହିନୀକୁ ମାତ୍ର ୨୨ ମିନିଟ୍ ସମୟ ଲାଗିଥିଲା । ସନ୍ତ୍ରାସବାଦୀମାନେ ଯେଉଁଭଳି ଭାବେ ପହଲଗାମରେ ନରସଂହାର କରିଥିଲେ, ତାହା ସାରା ବିଶ୍ୱକୁ ଚକିତ କରିବା ସହ ସନ୍ତ୍ରାସବାଦୀଙ୍କ ଶିବିରକୁ ଧ୍ୱଂସ କରିବା ପାଇଁ ସହମତି ସୃଷ୍ଟି କରିଥିଲା । ଦଳୀୟ ବିଚାରଧାରାର ଊର୍ଦ୍ଧ୍ୱକୁ ଯାଇ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଦେଶର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ବିଶ୍ୱରେ ପାକିସ୍ତାନର ଭୂମିକାକୁ ଲୋକଲୋଚନକୁ ଆଣିଥିଲେ ।

**V/O**

ପ୍ରଧାନମନ୍ତ୍ରୀ କହିଛନ୍ତି, ସନ୍ତ୍ରାସବାଦ ହେଉ କି ନକ୍ସଲବାଦ ହେଉ ଭାରତ ବିଭିନ୍ନ ହିଂସାତ୍ମକ ଆହ୍ୱାନକୁ ସଫଳତାର ସହିତ ମୁକାବିଲା କରିଛି । ଦେଶରେ ନକ୍ସଲ କାର୍ଯ୍ୟକଳାପ ବହୁ ପରିମାଣରେ  ହ୍ରାସ ପାଇଛି । ପୂର୍ବର ନକ୍ସଲ ଅଞ୍ଚଳଗୁଡ଼ିକ ଏବେ ଚାଷ ଜମିରେ ପରିବର୍ତ୍ତିତ ହେବା ସହିତ ବିକାଶ ଅଭିମୁଖୀ ହୋଇଛି । ଏବେ ଦେଶର ଅଧିକାଂଶ ରାଜ୍ୟ ନକ୍ସଲମୁକ୍ତ ହୋଇପାରିଛି ।

ପ୍ରତିରକ୍ଷା କ୍ଷେତ୍ରରେ ଚାଲିଥିବା ଗବେଷଣା ଓ ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ୟୁପିଆଇ ବ୍ୟବସ୍ଥା ବିଭିନ୍ନ

ଦେଶରେ ଲୋକପ୍ରିୟ ହେବା ସହ ଡିଜିଟାଲ୍ ଭାରତ ଏବେ ବିଶ୍ୱରେ ପ୍ରଭାବ ପକାଇଛି । ୨୦୨୪ ମସିହା ପୂର୍ବରୁ ବିଶ୍ୱ ଅର୍ଥନୀତିରେ ଭାରତ ୧୦ ନମ୍ବରରେ ଥିଲାବେଳେ ଏବେ ତୃତୀୟ ଅର୍ଥନୀତିରେ ପହଞ୍ଚିବାକୁ ଯାଉଛି ।

## ଆର୍ଏସ୍-ନାଇଡୁ

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.ରାମମୋହନ ନାଇଡୁ କହିଛନ୍ତି ବିମାନ ଦୁର୍ଘଟଣା ତଦନ୍ତକାରୀ ସଂସ୍ଥା ପକ୍ଷରୁ ଅହମ୍ମଦାବାଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ତଦନ୍ତ ସ୍ୱଚ୍ଛ ପ୍ରକ୍ରିୟାରେ କରାଯାଉଛି । ସେ କହିଛନ୍ତି ଆନ୍ତର୍ଜାତିକ ମାନକ ଅନୁଯାୟୀ, ବିଶେଷଜ୍ଞମାନଙ୍କୁ ନେଇ ତଦନ୍ତକାର୍ଯ୍ୟ ଜାରି ରହିଛି । ଆଜି ରାଜ୍ୟସଭାରେ ପ୍ରଶ୍ନକାଳ ସମୟରେ କେତେକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି, ତଦନ୍ତର ପ୍ରାରମ୍ଭିକ ପର୍ଯ୍ୟାୟ ଶେଷ ହୋଇଛି ଏବଂ ପ୍ରାଥମିକ ରିପୋର୍ଟ ଦାଖଲ କରାଯାଇଛି । ସେ କହିଛନ୍ତି ଦେଶ ଏବଂ ବିଦେଶର ଅନେକ ଗଣମାଧ୍ୟମ ଏହି ଦୁର୍ଘଟଣାର ତଦନ୍ତ ସଂପର୍କିତ ସେମାନଙ୍କ ମତ ଉପସ୍ଥାପନ କରୁଛନ୍ତି । ତେବେ ସରକାର ତଦନ୍ତ କାର୍ଯ୍ୟ ସଂପୂର୍ଣ୍ଣ ଶେଷ ହେବା ପରେ ଏହାର ସତ୍ୟାସତ୍ୟ ଲୋକଲୋଚନକୁ ଆଣିବେ ।

# ୟୁଏସ୍-ହାଉସ୍ କମିଟି-ଟିଆରଏଫ୍ ବ୍ୟାନ୍

ଦ ରେଜିଷ୍ଟାନ୍ସ ଫ୍ରଣ୍ଟ୍- ଟିଆର୍‌ଏଫ୍ କୁ ଏକ ବିଦେଶୀ ଆତଙ୍କବାଦୀ ସଂଗଠନ ଭାବେ କରାଯାଇଥିବା ଘୋଷଣାକୁ ଆମେରିକାର ବୈଦେଶିକ ବିଭାଗ ଗୃହ କମିଟି ଦୃଢ଼ ସମର୍ଥନ କରିଛି । କମିଟି ପକ୍ଷରୁ କୁହାଯାଇଛି ସଂପୃକ୍ତ ସଂଗଠନର ଭୟଙ୍କର କାର୍ଯ୍ୟକଳାପ ସମଗ୍ର ବିଶ୍ୱକୁ ଜଣାଅଛି ଏବଂ ଏ କ୍ଷେତ୍ରରେ କୌଣସି ଦୟାଭାବ ପୋଷଣ କରାଯିବ ନାହିଁ । ପାକିସ୍ତାନ ସମର୍ଥିତ ଲସ୍କର-ଏ-ତୟବା ର ଏକ ଛାୟା ସଂଗଠନ ଭାବେ ଟିଆରଏଫ୍ କାର୍ଯ୍ୟ କରୁଥିବା ଆମେରିକାର ଗୃହ ବିଭାଗ ସ୍ପଷ୍ଟ କରିଛି । ଗତ ଏପ୍ରିଲ୍ ମାସ ୨୨ ତାରିଖରେ ପହଲଗାମ ଆକ୍ରମଣ ପାଇଁ ଏହି  ଆତଙ୍କବାଦୀ ସଂଗଠନକୁ ଦାୟୀ କରାଯାଇଛି ଏବଂ ବିଶ୍ୱ ପାଇଁ ଟିଆର୍‌ଏଫ୍‌କୁ ସତର୍କ ରହିବା ଲାଗି କୁହାଯାଇଛି । ଏହା ଫଳରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ କାର୍ଯ୍ୟକଳାପ ନେଇ ବିଶ୍ୱର ଅନେକ ଦେଶ ପାକିସ୍ତାନ ଉପରେ ଚାପ ପକାଇବା ଆରମ୍ଭ କରିଛନ୍ତି ।

# ବୈଷ୍ଣୋଦେବୀ ଲ୍ୟାଣ୍ଡସ୍ଲାଇଡ୍

ଜାମ୍ମୁ କାଶ୍ମୀରର ରିୟାସୀ ଜିଲ୍ଲାକୁ ଯାଇଥିବା ବୈଷ୍ଣୋଦେବୀର ପୁରୁଣା ରାସ୍ତାରେ ଭୂସ୍ଖଳନ ଯୋଗୁଁ ଜଣେ ତୀର୍ଥୀଯାତ୍ରୀଙ୍କର ମୃତ୍ୟୁ ଘଟିଛି । ଅନ୍ୟ ୯ ଜଣ ଏଥିରେ ଆହତ ହୋଇଛନ୍ତି । ପ୍ରବଳ ବର୍ଷା ଯୋଗୁଁ ଗୁଲ୍‌ସନ୍ କା

ଲଙ୍ଗର ସ୍ଥାନରେ ଭୂସ୍ଖଳନ ଘଟିବା ଯୋଗୁଁ ଏକ କାର୍ଯ୍ୟାଳୟ ଭୁଶୁଡ଼ି ପଡ଼ିଛି । ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ସାମୟିକ ଭାବେ ବୈଷ୍ଣୋଦେବୀ ଯାତ୍ରାକୁ ସ୍ଥଗିତ ରଖାଯାଇଛି ।

## ମସ୍କୋ-ଡ୍ରୋନ୍ ଆଟାକ

ମସ୍କୋ ର ମୁଖ୍ୟ ବିମାନ ବନ୍ଦରଗୁଡ଼ିକ ଉପରେ ୟୁକ୍ରେନ୍ ପକ୍ଷରୁ ଅନେକଗୁଡ଼ିଏ ଡ୍ରୋନ୍ ଆକ୍ରମଣ ପରିପ୍ରେକ୍ଷୀରେ ୧୪୦ରୁ ଅଧିକ ବିମାନ ଉଡ଼ାଣକୁ ରଦ୍ଦ କରାଯାଇଛି । ରୁଷ୍ ଗଣମାଧ୍ୟମ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରୁଷ୍‌ର ୪ଟି ମୁଖ୍ୟ ବିମାନ ବନ୍ଦର ଉପରେ ୟୁକ୍ରେନ୍‌ର ଆକ୍ରମଣ ଫଳରେ ହଜାର ହଜାର ବିମାନ ଯାତ୍ରୀ ଅଟକି ରହିଛନ୍ତି । ରୁଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ୧୧୭ଟି ଡ୍ରୋନ୍‌କୁ ଅକାମୀ କରିଦିଆଯାଇଛି। ବିମାନ ଉଡ଼ାଣ ରଦ୍ଦ ହେବା ଫଳରେ ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଇବା ଲାଗି ରୁଷ୍ ସରକାର ଅଧିକ ଟ୍ରେନ୍ ବ୍ୟବସ୍ଥା କରିଥିବା କୁହାଯାଇଛି ।